# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

**ପତ୍ରିକା ସଂଖ୍ୟା-୧୦/୨୩**

**ଶୁକ୍ରବାର/ତା.୦୩.୦୨.୨୦୨୩**

**ପାଣିପାଗ ପୂର୍ବାନୁମାନ (ତା.୦୮.୦୨.୨୦୨୩ ପର୍ଯ୍ୟନ୍ତ):** ଭାରତୀୟ ମୌସୁମ ବିଜ୍ଞାନ ବିଭାଗ , ଭୁବନେଶ୍ୱର ଆସନ୍ତା ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲ୍ଲାର ଆସନ୍ତା ୫ ଦିନ ମୁଖ୍ୟତ ପାଗ ଶୁଖିଲା ରହିବାର ସାମ୍ଭାବନା ଅଛି। ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲ୍ଲାର ଦିନ ର ସର୍ବାଧିକ ତାପମାତ୍ରା କ୍ରମଶଃ ବୃଦ୍ଧି ପାଇ ବାର ଓ ସର୍ବନିମ୍ନ ତାପମାତ୍ରା ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲ୍ଲାର କ୍ରମଶଃ ବୃଦ୍ଧି ପାଇବାର ସାମ୍ଭାବନା ଅଛି । ସମସ୍ତ ଜିଲ୍ଲାରେ ପବନ ପବନ ଘଣ୍ଟା ପ୍ରତି ୦୫ – ୧୧ କି.ମି. ବେଗ ରେ ବୋହିବା ସମ୍ଭାବନା ଅଛି ।

## ପାଣିପାଗଭିତ୍ତିକ କୃଷି ଉପଦେଶ

### ଖରାଟିଆ ଧାନ

- ଧାନ ବିହନକୁ ବିଶୋଧନ କରି ( ୧ କେଜି ବିହନ ପ୍ରତି ୨ ଗ୍ରାମ କାରବେଣ୍ଡାଜିମ ବା କାରବୋକ୍ସିନ + ଥିରାମ ) ତଳି ପ୍ରସ୍ତୁତ କରନ୍ତୁ ।
- ଧାନ ତଳି ୩ ସପ୍ତାହ ଅବସ୍ଥାରେ ରୋଇବା ପାଇଁ ମୁଖ୍ୟ ଜମି ପ୍ରସ୍ତୁତ କରନ୍ତୁ । ମଧ୍ୟମ କିସମ ଧାନ ରୋଇବା ପୂର୍ବରୁ ଏକରକୁ ୩୫ କେଜି ଡିଏ ପି ଓ ୧୩ କେଜି ପଟାଶ ସାର ପ୍ରୋୟାଗ କରନ୍ତୁ ।

### ସୋରିଷ

- କରତିଆ ମାଛି ଓ ପତ୍ର ଛନ୍ଦା ପୋକର(୩ ମିଲି ପ୍ରତି ଲିଟର ପାଣି) ଦମନ ପାଇଁ ନିମ୍ବଜାତିୟ ଔଷଧ କିମ୍ବା ପ୍ରୋପେନୋଫୋସ ୨ ମିଲି ପ୍ରତି ଲିଟର ପାଣିରେ ସିଂଚନ କରନ୍ତୁ ।
- ଯଉ ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୫୦୦ ମିଲି ନିମ୍ବଜାତିୟ ଔଷଧ କିମ୍ବା ଫ୍ଲୋନିକାମିଡ ୬୦ ଗ୍ରାମ/ ଏକର ପ୍ରତି ସିଂଚନ କରନ୍ତୁ । ମହୁମାଛିକୁ ସୁରକ୍ଷା ଦେବା ପାଇଁ ଅପରାହ୍ନ ୩ ଟା ପରେ ପ୍ରୋୟାଗ କରନ୍ତୁ ।

### ଚିନାବାଦାମ

- ମୂଳସଢା , କାଣ୍ଡପଚା ଓ ଟୀକା ରୋଗର ସଂକ୍ରମଣ ଦୃଷ୍ଟିଗୋଚର ହେଲେ ୧ ଲିଟର ପାଣି ପ୍ରତି ୨ ଗ୍ରାମ (କାରବେଣ୍ଡାଜିମ + ମାଙ୍କୋଜେବ) ବା (ମେଟାଲୋକ୍ସିଲ + ମାଙ୍କୋଜେବ) ମିଶାଇ ପତ୍ର ସିଂଚନ କରନ୍ତୁ।
- ପତ୍ର ସୁଡଙ୍ଗି ପୋକ ଓ ପତ୍ର ଖିଆ ଗୋଟି ପୋକର ଆକ୍ରମଣ ପରିଲକ୍ଷିତ ହେଲେ ୧ ଲିଟର ପାଣି ପ୍ରତି ୨ ମିଲି ଫିପ୍ରୋନୀଲ କୀଟନାଶକ ସିଂଚନ କରନ୍ତୁ ।
- ଚିନାବାଦାମରେ ଧବଳ ଭୃଙ୍ଗର କ୍ଷେୟକ୍ଷତି ହ୍ରାସ କରିବା ଏକ ଲିଟର ପାଣିରେ ୬ ମିଲି କ୍ଲୋରୋପାଇରିଫସ ବା ୧ ମିଲି ଇମିଡାକ୍ଲୋପ୍ରିଡ ୩୦.୫ଏସ ସି ମିଶାଇ ଗଛ ମୂଳକୁ ଭିଜାନ୍ତୁ ।

## ମୁଗ ଓ ବିରି

- ମୁଗ ଓ ବିରି ଫସଲରେ ପ୍ରାରମ୍ଭିକ ଅବସ୍ଥାରେ ଧଳାମାଛି ଓ ଅନ୍ୟାନ୍ୟ ଷୋଶକ କୀଟ ମାନଙ୍କ ଦାଉରୁ ଫସଲକୁ ସୁରକ୍ଷା ଦେବାପାଇଁ ୧ କିଗ୍ରା ମଞ୍ଜି ପ୍ରତି 5 ମି.ଲି. ଇମିଡାକ୍ଲୋପ୍ରିଡ ୬୦୦ ଏଫ.ଏସ. ମିଶାଇ ବିଶୋଧନ କରନ୍ତୁ ।
- ବିହନ ବୁଣିବାର ୭ ଦିନ ପୂର୍ବରୁ ଏକ କିଗ୍ରା ମଞ୍ଜିରେ ୨ ଗ୍ରାମ କାରବେନଡାଜିମ ଫିମ୍ପିନାଶକ କିମ୍ବା ୩ ଗ୍ରାମ (କାରବୋକ୍ସିନ + ଥିରାମ) ମିଶାଇ ବିହନ ବିଶୋଧନ କରନ୍ତୁ ।
- ବିହନ ବୁଣିବା ଦିନ ପ୍ରତି କିଗ୍ରା ବିହନରେ , ୨୦ ଗ୍ରାମ ରାଇ ଜୋବିୟମ ଜୀବାଣୁ କଲଚର ସହିତ ଗୋଳାଇ ଛାଇରେ ଶୁଖାଇ ଜମିରେ ବୁଣନ୍ତୁ।
- ଶେ ଷ ଓଡ ଚାଷ ସମୟସର ଏକର ପ୍ରତି ୨ଟନ ଶଢା ଗୋବର ଖତ କିମ୍ବା କମ୍ପୋଷ୍ଟ ସହିତ ୩୫ କେଜି ଡ଼ିଏପି, ୧୩ କେଜି ମ୍ୟୁରେଟ ଅଫ ପଟାସ ଏବଂ ୪ କେଜି ୟୁରିୟା ମୂଳ ସାର ହିସାବରେ ପ୍ରୟୋଗ କରନ୍ତୁ।
- ଧାଡି କୁ ଧାଡି ବ୍ୟବଧାନ ୨୫ ସେ.ମି. x ୧୦ ସେ.ମି. ରଖନ୍ତୁ ।

## ପନିପରିବା

- ❖ ବର୍ତ୍ତମାନ ପନିପରିବା ଫସଲରେ ସାର ପ୍ରୟୋଗ ର ପ୍ରକୃଷ୍ଟ ସମୟ ।
- ❖ ବାଇଗଣ ଓ ଟମାଟୋ ଫସଲରେ ଝାଉଂଳା କିମ୍ବା ଆଂଶିକ ଝାଉଂଳା ରୋଗ ଦେଖାଗଲେ ଆକ୍ରାନ୍ତ ଗଛ କୁ ଓପାଡି ଦିଅନ୍ତୁ ଓ ଗଛ ମୂଳରେ ନିମ୍ବ କିମ୍ବା କରଞ୍ଜ ପିଡିଆ ପ୍ରୟୋଗ କରନ୍ତୁ । ପ୍ରତି ଲିଟର ପାଣିରେ ୧ ମି.ଲି. କବକ ନାଶକ ଟେବୁକୋନାଜୋଲ କୁ ମିଶାଇ ଗଛ ମୂଳ ଓ ପତ୍ରକୁ ସିଂଚନ କରନ୍ତୁ ।
- ❖ ଶୀତ ଦିନିଆ ପନିପରିବା ଯଥା କୋବି , ବାଇଗଣ, ଟମାଟୋ ଓ ଲଙ୍କା ଫସଲରେ ପତ୍ରଖିଆ ଓ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣି ପ୍ରତି ୦.୪ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୦.୪ ମି.ଲି. ସ୍ପିନୋସାଡ ପ୍ରୟୋଗ କରନ୍ତୁ ।
- ❖ ଜଳସେଚନର ସୁବିଧା ଥିଲେ ଢିପ ଜମିରେ ଅଣଧାନ ଫସଲ ପରେ ରସୁଣ ଓ ପିଆଜ ଲଗାଇବାର କାମ ଶେଷ କରନ୍ତୁ ।

## ଗେଣ୍ଡୁଫୁଲ

- ❖ ଅଷ୍ଟପଦୀ ଆକ୍ରମଣ ଦୃଷ୍ଟିଗୋଚର ହେଲେ୧ ଲିଟର ପାଣି ପ୍ରତି ୨ ମିଲି ପ୍ରୋପାରୋଜାଇଟକୁ ପତ୍ର ସିଂଚନ କରନ୍ତୁ ।
- ❖ ପତ୍ର ପୋଡା ରୋଗ ପରିଲିଖିତ ହେଲେ ୧ ଲିଟର ପାଣି ପ୍ରତି ୨ ଗ୍ରାମ (କାରବେଣ୍ଡାଜିମ +ମାଙ୍କୋଜେବ) କୁ ପ୍ରୋୟାଗ କରନ୍ତୁ ।

**N.B.- Use Meghdoot mobile application for location specific weather and agro-advisory.**

ଇ ମେଲ- aas_ranital@yahoo.com